# Akashvani, Sambalpur

## SAMBALPURI NEWS BULLETIN

### 9 September 2025 - 6.47- 6.52 am.

*********************************************

ଉପରାଷ୍ଟ୍ରପତି ନିର୍ବାଚନ        ଏନ୍‌ଏସ୍‌ଡି

ଉପରାଷ୍ଟ୍ରପତି ପଦ୍ ଲାଗି ଆଏଜ୍ ମତଦାନ୍ ହେବା । ଇ ପଦ୍ ଲାଗି ଏନ୍‌ଡିଏ ତର୍‌ଫୁ ମହାରାଷ୍ଟ୍ରର ରାଜ୍ୟପାଲ୍ ସି.ପି. ରାଧାକ୍ରିଷ୍ଣନ୍ ପ୍ରାର୍ଥୀ ଥିଲା ବେଲ୍‌କେ ଇଣ୍ଡି ମେଂଟର୍ ପ୍ରାର୍ଥୀ ସୁପ୍ରିମକୋର୍ଟର ଆଘର୍ ବିଚାରପତି ଜଷ୍ଟିସ ବି. ସୁଦର୍ଶନ୍ ରେଡ୍ଡୀ ରହିଛନ୍ । ଦିନର୍ ୧୦ ବଜେନୁ ବେଲ୍‌ବୁଡ଼ର ୫ ବଜେତକ୍ ମତଦାନ୍ ହେବା । ସଂଜବେଲର୍ ୬ ବଜେନୁ ଭୋଟ୍ ଗନ୍‌ତି କରାଯାଇକରି ଫଲାଫଲ୍ ଘୋଷ୍‌ନା କରାଯିବା ।

ଇନ ଜନେଇ ଦିଆଯାଇପାରେ ଯେ, ଆଘର୍ ଉପରାଷ୍ଟ୍ରପତି ଜଗ୍‌ଦୀପ୍ ଧନ୍‌ଖଡ଼୍ ସ୍ୱାସ୍ଥ୍ୟ ସମସ୍ୟା ଲାଗି ଜୁଲାଇ ୨୧ ତାରିଖ୍ ଇସ୍ତଫା ଦେଇଥିଲେ । ତାର୍ ଉତ୍‌ରୁ ଇ ନିର୍ବାଚନ୍ ହେଉଛେ ।

ଉପମୁଖ୍ୟମନ୍ତ୍ରୀ- ଖରିଫ୍ ଫସଲ୍        I&PR

ନଭେମ୍ବର୍ ମାସର୍ ଶେଷ୍ ବେଲ୍‌କେ ଖରିଫ୍ ଫସଲ୍ ଘିନ୍‌ବାର୍ ଲାଗି ସର୍‌କାର୍ ଯୋଜ୍‌ନା କରିଛନ୍ । ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓଙ୍କର୍ ଅଧ୍ୟକ୍ଷତାଥି ଗଲାକାଏଲ୍ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ହେଇଥିବା ୨୦୨୫-୨୬ ଖରିଫ୍ ଫସଲ୍ ଘିନ୍‌ବାର୍ ବାବଦ୍ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟିର୍ ପହେଲା ବୈଠକ୍‌ଥି ଇ ନିଷ୍ପତି ନିଆଯାଇଛେ । ଇହାଦେନୁ ଆନ୍ତଃବିଭାଗୀୟ ସମନ୍ୱୟଥି ସ୍ଥାୟୀ ମୋଡ଼େଲ୍ ମଣ୍ଡି ତିଆର୍ କର୍‌ବାର୍‌କେ ବୈଠକ୍‌ଥି ନିଷ୍ପତି ନିଆଯାଇଛେ । ଇଥିର୍‌ଲାଗି ରଣନୀତି ତିଆରି ଚାଲିଛେ ।  ଚାଷୀମାନ୍‌କର୍ ସୁବିଧାକେ ଅଏତ୍‌କା ପ୍ରାଧାନ୍ୟ ଦେବାର୍‌କେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ନିର୍ଦ୍ଦେଶ୍ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ- ରାସ୍ତା ସମୀକ୍ଷା I&PR

ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପଶ୍ଚିମ ଓଡ଼ିଶା ନ ଚାଲିଥିବା ପୂର୍ତ ବିଭାଗ୍‌ର ଭିନ୍ ଭିନ୍ ରାସ୍ତା କାମ୍ ମାନ୍‌କର୍ ଅଗ୍ରଗତିର୍ ସମୀକ୍ଷା କରିଛନ୍ । ପୂର୍ତମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍‌ଙ୍କର୍ ଉପସ୍ଥିତିଥି ଶ୍ରୀ ସିଂହଦେଓ ବଲାଙ୍ଗିର୍ ଆଉ ସୋନ୍‌ପୁର୍ ଠାନେ ଚାଲିଥିବା ରାସ୍ତା, ବ୍ରିଜ୍ ତିଆର୍ କାମ୍‌ର ସମୀକ୍ଷା କରିଛନ୍ । ଇଥି ବଲାଙ୍ଗିର୍, ସୁବର୍ଣ୍ଣପୁର୍, ପାଟ୍‌ନାଗଡ଼୍ ବାଇପାସ୍ ରହିଛେ । କାମ୍ ସବୁ ତୁର୍‌ତି ସାର୍‌ବାର୍ ଲାଗି

ବିଭାଗୀୟ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ । ଇତାର୍‌ସହେତେ ରାସ୍ତା ସମ୍ପ୍ରସାରଣ୍ କଲା ବେଲ୍‌କେ ଗଛ୍ ନାଇଁ କାଟ୍‌ବାର୍‌କେ ଶ୍ରୀ ସିଂହଦେଓ ପରାମର୍ଶ ଦେଇଛନ୍ ।

## ମହିଲା ହିଂସା ନିରୋଧୀ କର୍ମଶାଳା I&PR

ଘରୋଇ ହିଂସାନୁ ମହିଲାଙ୍କର୍ ସୁରକ୍ଷା ଅଧିନିୟମ୍ -୨୦୦୫ ଆଉ ଯୌତୁକ ନିଷେଧ ଅଧିନିୟମ୍ ୧୯୬୧ ବାବ୍‌ଦେ ଭୁବ୍‌ନେଶ୍ୱର୍ ଠାନେ ଗୁଟେ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ୍ ଶିବିର୍ ଆୟୋଜନ୍ କରାଯାଇଛେ । ଦିନର୍ ୧୦ ବଜେନୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ସମ୍ମିଲନୀ କକ୍ଷ ନ କାର୍ଯ୍ୟକ୍ରମ୍ ହେବା । ମହିଲା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ହେବାର୍‌କେ ଥିବା କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ ଆଉ ବିଭାଗ୍‌ର ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ ।

## ଅନୁ ଗର୍ଗ-ସାଇବର୍ ଠକେଇ ବୈଠକ୍ I&PR

ଭୁବ୍‌ନେଶ୍ୱର୍ ଆର୍‌ବିଆଇ ପରିସର୍ ନ ଅତିରକ୍ତ ମୁଖ୍ୟ ଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ଓଡ଼ିଶା ନ ସାଇବର୍ ଠକେଇ ବାବଦ୍ ରାଜ୍ୟସ୍ତରୀୟ ସମନ୍ୱୟ କମିଟି ବୈଠକ୍ ହେଇଯାଇଛେ । ଇ ଅବ୍‌ସରେ

ସାଇବର୍ ଠକେଇ ଉପ୍‌ରେ ଗୁଟେ କର୍ମଶାଳା ହେଇଥିଲା । କର୍ମଶାଳାଥି ସାଇବର୍ ଠକେଇର୍ ମୁକାବିଲା କର୍‌ବାର୍ ଲାଗି ବେଙ୍କ୍ ଅଧିକାରୀ ଆଉ କର୍ତୃପକ୍ଷ ମାନ୍‌କୁ -ଆଇନ୍ ପ୍ରବର୍ତନ୍ ସଂସ୍ଥାମାନ୍‌କୁ ସହଯୋଗ୍ କର୍‌ବାର୍‌କେ ପରାମର୍ଶ ଦିଆଯାଇଥିଲା ।

ସାକ୍ଷାତ୍‌କାର୍ ମାର୍କ-ଓଡ଼ିଶା ଲୋକସେବା ଆୟୋଗ

ଆର୍‌ଏନ୍‌ୟୁ/ ସମ୍ବଲପୁର

ଭିନ୍ ଭିନ୍ ପରୀକ୍ଷାର୍ ସାକ୍ଷାତ୍‌କାର୍ ମାର୍କ ପରୀକ୍ଷାର୍ଥୀମାନ୍‌କୁ ଦେବାର୍ ଲାଗି ସୂଚନା କମିଶନ୍- ଓଡ଼ିଶା ଲୋକସେବା ଆୟୋଗ୍‌କେ ନିର୍ଦ୍ଦେଶ୍ ଦେଇଛନ୍ । ଝନେ ପରୀକ୍ଷାର୍ଥୀଙ୍କର୍ ଆବେଦନ୍‌ର ଶୁଣାଣି କରିକରି ସୂଚନା କମିଶନ୍ କହିଛନ୍, ନିୟମ୍ ଅନ୍‌ସାରେ ପରୀକ୍ଷାର୍ଥୀମାନ୍‌କର୍ ସାକ୍ଷାତ୍‌କାର୍, ଫଲାଫଲ୍‌କେ ଗୁପତ୍ ରଖାଯାଇ ନାଇଁପାରେ । ମାର୍କା ସାର୍ବଜନୀନ୍ କଲେ ପ୍ରାର୍ଥୀମାନେ ଆଏବା ପରୀକ୍ଷାଥି ଆହୁରି ଭଲ୍ ପ୍ରଦର୍ଶନ୍ କରିପାର୍‌ବେ ବଲି ସୂଚନା କମିଶନ୍ କହିଛନ୍ ।

ଜିଏସ୍‌ଟି ସଂସ୍କାର୍ ସୁବର୍ଣ୍ଣପୁର୍ ସମ୍ବାଦଦାତା

କେନ୍ଦ୍ର ସର୍‌କାର୍‌ଙ୍କର୍ ଆଏବା ପିଢ଼ିର୍ ଜିଏସ୍‌ଟି ସଂସ୍କାର୍‌ଥି ବହୁତ୍‌ଟେ ଅତ୍ୟାବଶ୍ୟକ ଦରବ୍ ଉପ୍‌ରୁ ଟିକସ୍ ଦର୍ ପୁରା ଛାଡ଼୍ କରାଯାଇଛେ । ସଂଶୋଧିତ ଜିଏସ୍‌ଟି ଜନସଂସ୍କାର୍‌କେ ସୁବର୍ଣ୍ଣପୁର୍ ଜିଲ୍ଲା ନ ଭିଲ୍ ସ୍ୱାଗତ୍ କରାଯାଇଛେ । ସବୁ ଦିନିଆ ବେଭାର୍‌ଥି ଲାଗୁଥିବା ଦରବ୍‌ମାନ୍‌କର୍ ଜିଏସ୍‌ଟି ଦର୍ କମ୍ କରାଯିବାର୍ ସହେତେ ନୂଆଁ ପରିଯୋଜନା ଗରିବ୍ ଆଉ ନିମ୍ନ ମଧ୍ୟବିତ ଲୁକ୍‌କର୍ ଆର୍ଥିକ୍ ଥିତିକେ ବର୍‌କସ୍ କର୍‌ବା ବଲି ସୁବର୍ଣ୍ଣପୁର୍ ଜିଲ୍ଲାର୍ ବ୍ୟବସାୟୀ ଦିଲ୍ଲୀପ୍ ପାତ୍ର କହିଛନ୍....

(ଭଏସ୍ ଓଭର୍- ଦିଲ୍ଲୀପ୍ ପାତ୍ର)

ସୁବର୍ଣ୍ଣପୁର୍ ମହାବଳି ଯାତ୍ରା ସୁବର୍ଣ୍ଣପୁର୍ ସମ୍ବାଦଦାତା

ସୁବର୍ଣ୍ଣପୁର୍ ଜିଲ୍ଲା ନ ମହାବଳି ଯାତ୍ରାକେ ନେଇକରି ଜିଲ୍ଲା ପ୍ରଶାସନ୍‌ର ଗୁଟେ ପ୍ରସ୍ତୁତି ବୈଠକ୍ ହେଇଯାଇଛେ । ଜିଲ୍ଲାପାଲ୍‌ଙ୍କର୍ ସମ୍ମିଳନୀ କକ୍ଷ ନ ହେଇଥିବା ବୈଠକ୍‌ଥି ଉପ ଜିଲ୍ଲାପାଲ୍ ସୂମ୍ୟାରୂପା ରଥ ଯୋଗ୍ ଦେଇକରି ଯାତ୍ରାକେ ଭଲ୍ ଭାବେ ପାଳନ୍ କର୍‌ବାର୍ ଲାଗି ସମ୍‌କର୍ ସହଯୋଗ୍ କାମନା କରିଥିଲେ । ବୈଠକ୍‌ଥି ଜିଲ୍ଲାସ୍ତରୀୟ ଅଧିକାରୀମାନ୍‌କର୍ ସହେତେ ମହାବଳି ଯାତ୍ରାଥି ସମ୍ପୃକ୍ତ ରହୁଥିବା

ପୂଜକ, ସେବାୟତ ଆଉ ବୁଦ୍ଧିଜୀବୀମାନ୍‌କର୍ ସଙ୍ଗେ ଆଲୋଚନା କରାଯାଇଥିଲା ।

ଅନ୍ତର୍ଜାତୀୟ ସାକ୍ଷରତା ଦିବସ ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତର୍‌ଫୁ ସହରର୍ ଟାଉନ୍ ଉଚ୍ଚବିଦ୍ୟାଳୟ ନ ଅନ୍ତର୍ଜାତୀୟ ସାକ୍ଷରତା ଦିବସ୍ ପାଳିତ୍ ହେଇଯାଇଛେ । ଇ ଅବ୍‌ସରେ ଜିଲ୍ଲାସ୍ତରୀୟ ନବଭାରତ ସାକ୍ଷରତା କାର୍ଯ୍ୟକ୍ରମ୍‌ର ଶୁଭାରମ୍ଭ କରାଯାଇଛେ । କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ୍ ରେବେକା ବିଲୁଙ୍ଗ ଯୋଗ୍ ଦେଇକରି ଏଛନିର୍ ଥିତି ନ ଡିଜିଟାଲ୍ ସାକ୍ଷରତା ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ପଡ୍‌ବା ବଲି କହିଛନ୍ ।

ପାଣିପାଗ୍ ଆର୍‌ଏନ୍‌ୟୁ/ସମ୍ବଲପୁର

ଦକ୍ଷିଣ ଓଡ଼ିଶା ଆଉ ଉତର୍ ଆନ୍ଧ୍ରପ୍ରଦେଶ୍ ପାଖେ ବଙ୍ଗୋପ୍‌ସାଗର୍ ନ ଫେର୍‌ଘୁଟେ ଘୂର୍ଣ୍ଣିବଳୟ ବନିଛେ । ଇତାର୍ ପ୍ରଭାବ୍‌ଥି ଆଏବା ୧୩ ତାରିଖ୍ ତକ୍ ଓଡ଼ିଶା ନ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ରାଜ୍ୟର୍ ସବୁ ଜିଲ୍ଲା ନ ଘଡ୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି

ଭୁବ୍‌ନେଶ୍ୱର୍ ଆଂଚଳିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।